**Sambad , Bhubaneshwar, Aug 27 2008**

# ଟିସିଏସ୍ ଆଇଟି କ୍ୱିଜ୍ ସେପ୍ଟେମ୍ବର ୬ରେ

ଭୁବନେଶ୍ୱର, ୨୬/୮ : ଆଇଟି ସେବା, ବାଣିଜ୍ୟ ସଲ୍ୟୁସନ୍ସ ଓ ଆଉଟସୋର୍ସିଂ କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ଦଖଲ କରିଥିବା ଦେଶର ନମ୍ବରୱାନ୍ ସଫଟଓୟାର କଂପାନି ଟିସିଏସ୍ ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ଆଇଟି କ୍ୱିଜ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଟିସିଏସ୍ ଆଇଟି ୱିଜ୍ ନାମକ ଏହି କାର୍ଯ୍ୟକ୍ରମର ଭୁବନେଶ୍ୱର ସଂସ୍କରଣ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ଦେଶର ୧୨ଟି ସହରରେ ଏହି କ୍ୱିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଗଷ୍ଟ ୮ ତାରିଖରେ ବାଙ୍ଗାଲୋର ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ନଭେମ୍ବର ମାସରେ ଅହମ୍ମଦାବାଦ ଠାରେ ଶେଷ ହେବ । ଭୁବନେଶ୍ୱର ବାଦ ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ, କୋଚି, କୋଲକାତା, ଲକ୍ଷ୍ନୌ ଓ ପୁନେ ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ସର୍ବଭାରତୀୟ କ୍ୱିଜ୍ ପ୍ରତିଯୋଗିତାରେ ୧୫ ହଜାର ସ୍କୁଲ ପିଲା ଭାଗ ନେବେ । ପ୍ରତିଯୋଗିତାର ବିଜେତାଙ୍କୁ ଲ୍ୟାପଟପ୍ ଓ ରନର୍ସଅପ୍‌ଙ୍କୁ କ୍ୟାମେରା ଓ ପୋର୍ଟେବଲ୍ ଡିଭିଡି ପ୍ଲେୟାର ପ୍ରଦାନ କରାଯିବ । ଫାଇନାଲ୍ ରାଉଣ୍ଡରେ ପ୍ରବେଶ କରିବାକୁ ଥିବା ୬ ପ୍ରତିଯୋଗୀଙ୍କୁ ଟିସିଏସ୍ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ।